## କେନ୍ଦୁଝର : ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ : ଦୁର୍ନୀତି ନିବାରଣ ପାଇଁ ପ୍ରତି ବ୍ୟକ୍ତି ସଚ୍ଚୋଟ ଓ ଦୃଢ ମନା ହେବା ଏକାନ୍ତ ଆବଶ୍ୟକ

କେନ୍ଦୁଝର, ତା ୦୫.୧୧.    ଦୁର୍ନୀତି ନିବାରଣ ପାଇଁ ପ୍ରତି ବ୍ୟକ୍ତି ସଚ୍ଚୋଟ ଓ ଦୃଢମନା ହେବା ଏକାନ୍ତ ଆବଶ୍ୟକ । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଚଳିତ ଅକ୍ଟୋବର ୫ ତାରିଖ ଶନିବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଆୟୋଜିତ ସ୍ୱତନ୍ତ୍ର ସଚେତନତା ସମାରୋହରେ ଅତିଥି ଓ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି । ଦୁର୍ନୀତି ନିବାରଣ ପାଇଁ ତୃଣମୂଳସ୍ତରରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ବ୍ୟାପକ ଜନସଚେତନତା ଓ ନୈତିକତା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ । ଏହି ସମାରୋହରେ ଅତିଥି ଭାବେ ଏସ୍.ପି. ମିତ୍ରଭାନୁ ମହାପାତ୍ର, ଡି.ଏଫ୍.ଓ ଧନରାଜ ଏଚ୍.ଡି., ଅତିରିକ୍ତ ଏସ୍.ପି. ଭିଜିଲାନ୍ସ ବାଲେଶ୍ୱର ମହେଶ୍ୱର ସେଠୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ଭାରପ୍ରାପ୍ତ ଡି.ଏସ୍.ପି. ଭିଜିଲାନ୍ସ କେନ୍ଦୁଝର ୟୁନିଟ୍ ଦୈତାରୀ ଘଡାଇ ଯୋଗ ଦେଇଥିଲେ । ଏସ୍.ପି. ଶ୍ରୀ ମହାପାତ୍ର ଉଦ୍‌ବୋଧନ ଦେଇ ଦୁର୍ନୀତି ଏକ ସାମାଜିକ ବ୍ୟାଧି ଏବଂ ଏହା ଦେଶର ବିକାଶରେ ବାଧକ ବୋଲି କହିବା ସହିତ ଦୁର୍ନୀତିର ମୂଳପ୍ରାଟନ ନିମନ୍ତେ ସମାଜର ସମସ୍ତ ଜନସାଧାରଣ ସଚେତନ ହେବାକୁ ଆହ୍ୱାନ ଜଣାଇଥିଲେ । ଇତିହାସର ଉଦାହରଣ ଅବତାରଣା କରି ଚାଣକ୍ୟଙ୍କ ନୀତି, ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶ ଓ ମୂଲ୍ୟବୋଧ ସଂପର୍କରେ ଆଲୋକପାତ କରି ପ୍ରତ୍ୟେକ ବ୍ୟକ୍ତି ବ୍ୟକ୍ତିଗତସ୍ତରରେ ଲୋଭ, ମାୟା, ମୋହାରୁ ଉର୍ଦ୍ଧ୍ୱରେ ରହି ସମାଜ ଓ ଦେଶ ପ୍ରତି ନିଜର କର୍ତବ୍ୟ ସଂପାଦନ କଲେ ଦୁର୍ନୀତି ନିବାରଣ ହୋଇପାରିବ ବୋଲି କହିଥିଲେ । ରାଜ୍ୟ ସରକାର ଦୁର୍ନୀତି ନିବାରଣ ପାଇଁ ଯେଉଁ ନୀତି ଓ ନୈତିକତା ଆଧାରରେ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ତାହା ଉଲ୍ଲେଖନୀୟ । ଏତଦ୍‌ବ୍ୟତୀତ ଦୁର୍ନୀତି ବିରୁଦ୍ଧରେ ଦୁର୍ନୀତି ନିବାରଣ ବିଭାଗ / ସଂସ୍ଥାର କ୍ରିୟାଶୀଳତା ଦୁର୍ନୀତି ଗ୍ରସ୍ତଙ୍କ ପାଇଁ ସତର୍କ ଘଂଟି ହୋଇଛି । ସରକାରୀ ସ୍ତର ହେଉ ବା ବେସରକାରୀ ସ୍ତର ହେଉ ସବୁଠି ତୃଣମୂଳସ୍ତରଠାରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ସାଧୁତା, ସ୍ୱଚ୍ଛତା ଓ ନୈତିକତା ବଜାୟ ରହିଲେ ଦୁର୍ନୀତି ନିବାରଣ ସମ୍ଭବ ହୋଇପାରିବ ଏବଂ ଏ ଦିଗରେ ପ୍ରତ୍ୟେକ ବ୍ୟକ୍ତି ଶପଥ ନେବାକୁ ଏସ୍.ପି. ଶ୍ରୀ ମହାପାତ୍ର ଆହ୍ୱାନ ଜଣାଇଛନ୍ତି । ଡି.ଏଫ୍.ଓ ଧନରାଜ ଏଚ୍.ଡି. ନିଜ ବକ୍ତବ୍ୟରେ କହିଥିଲେ ଯେ ସଂପ୍ରତି ଦୁର୍ନୀତିର କାୟା ଚାରିଆଡେ ବ୍ୟାପିଯାଇଛି । ଯାହାକି ସମାଜ ଓ ଦେଶ ପାଇଁ କ୍ଷତିକାରକ । ସମାଜ ଓ ଦେଶ ବଂଚିଲେ ଆମେ ବଂଚିବା । ଏଣୁ ସମସ୍ତେ ନିଜର ଆଚାର, ବିଚାର, ଆଚରଣ ଓ ଉଚ୍ଚାରଣରେ ସ୍ୱଚ୍ଛତା, ସାଧୁତା ଓ ନୈତିକତା ଅବଲମ୍ବନ କଲେ ଦୁର୍ନୀତି ମୁକ୍ତ ସମାଜ ଓ ଦେଶ ଗଠନ ହୋଇପାରିବ ବୋଲି କହିଥିଲେ । ଏ ଦିଗରେ ଶପଥ ଗ୍ରହଣ, ପ୍ରତି କାର୍ଯ୍ୟାଳୟରେ ଦୁର୍ନୀତି ପ୍ରତିରୋଧକ ସେଲ୍ ବ୍ୟବସ୍ଥା ଏବଂ ଦୁର୍ନୀତି ନିବାରଣ ଅଭିଯାନରେ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ସଂପୃକ୍ତିର ଆବଶ୍ୟକତା ଉପରେ ଅବତାରଣା କରିଥିଲେ । ଅତିରିକ୍ତ ଏସ୍.ପି. ଭିଜିଲାନ୍ସ ବାଲେଶ୍ୱର ମହେଶ୍ୱର ସେଠୀ ନିଜ ବକ୍ତବ୍ୟରେ କହିଥିଲେ ଯେ ଦୃଢ ଇଚ୍ଛାଶକ୍ତି, ମାନସିକତା ଓ ଆନ୍ତରିକତା ହେଉଛି ଦୁର୍ନୀତି ବିରୁଦ୍ଧ ଲଢେଇରେ ମୁଖ୍ୟ ଅସ୍ତ୍ର । ଏତଦ୍‌ବ୍ୟତୀତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଏବଂ ଅନ୍ୟାନ୍ୟ ବର୍ଗର ବ୍ୟକ୍ତିମାନେ ବ୍ୟକ୍ତିଗତ ସ୍ତରରେ ସାଧୁତା, ସଚ୍ଚୋଟତା ଓ ପବିତ୍ରତା ବଜାୟ ରଖିଲେ ଦୁର୍ନୀତି ନିବାରଣ ସମ୍ଭବ ହୋଇପାରିବ ବୋଲି କହିଥିଲେ ।

ସରକାରଙ୍କ ବିଭିନ୍ନ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଚାଲିଛି । ଏହାର ସଫଳ ରୂପାୟନ କ୍ଷେତ୍ରରେ ଦୁର୍ନୀତି ପ୍ରତିବନ୍ଧକ ସାଜେ । ଏଣୁ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନରେ ଯଦି ଦୁର୍ନୀତିର ଗନ୍ଧ ବାରି ହୁଏ, ତାହେଲେ ଜନସାଧାରଣ ତାହାର ଜବାବ ରଖିବା ସହିତ ଦୁର୍ନୀତି ନିବାରଣ ବିଭାଗ / ସଂସ୍ଥାକୁ ଖବର ଦେବାକୁ ଅନୁରୋଧ କରିଥିଲେ । ଦୁର୍ନୀତି ନିବାରଣ କ୍ଷେତ୍ରରେ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ । ଦୁର୍ନୀତି ନିବାରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଓ ବିଭାଗର ପଦକ୍ଷେପ ପାଇଁ ଦୁର୍ନୀତି ନିବାରଣ କ୍ଷେତ୍ରରେ ଓଡିଶା ସର୍ବଭାରତୀୟସ୍ତରରେ ପ୍ରଶଂସନୀୟ ହୋଇପାରିଛି । ନିଜ ଭାଷଣରେ ଆଡିସ୍‌ନାଲ୍ ଏସ୍.ପି. ଭିଜିଲାନ୍ସ କହିଥିଲେ ଯେ ସରକାରୀ ଅଧିକାରୀ କର୍ମଚାରୀମାନେ ଭିଜିଲାନ୍ସ ଦ୍ୱାରା ଧରାପଡିଲେ ଆଇନ୍ ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ ଏବଂ ସେମାନଙ୍କ ଦୁର୍ଦ୍ଦଶା ବଢିଥାଏ । ତେଣୁ ସରକାରୀ ଅଧିକାରୀ / କର୍ମଚାରୀମାନେ ସତ୍ୟନିଷ୍ଠ ଭାବେ ସରକାରୀ କାର୍ଯ୍ୟ ନିର୍ବାହ କରିବାକୁ ନିବେଦନ କରିଥିଲେ । ଏତଦ୍‌ବ୍ୟତୀତ ଭିଜିଲାନ୍ସ ବିଭାଗର କାର୍ଯ୍ୟାବଳୀ ଓ ସଫଳତା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା ଏହି ସମାରୋହରେ ଉଦ୍‌ବୋଧନ ଦେଇ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ଅନୁଷ୍ଠାନ / ସମାଜ ପ୍ରତି କର୍ତବ୍ୟବୋଧ, ଉତରଦାୟିତ୍ୱ ହୃଦୟଙ୍ଗମ କରି କାର୍ଯ୍ୟ କଲେ ଦୁର୍ନୀତି ନିବାରଣ ହୋଇପାରିବ ବୋଲି କହିବା ସହିତ ରାଜ୍ୟ ସରକାରଙ୍କର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଉପରେ ଆଲୋକପାତ କରିଥିଲେ । ଦୁର୍ନୀତି ନିବାରଣ କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତି ସତର୍କ ଜାଗ୍ରତ ରହିବାକୁ ଆହ୍ୱାନ ଜଣାଇଥିଲେ । ଭାରପ୍ରାପ୍ତ ଡି.ଏସ୍.ପି. ଭିଜିଲାନ୍ସ ଦୈତାରୀ ଘଡାଇ ନିଜ ବକ୍ତବ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରି ଭିଜିଲାନ୍ସ ବିଭାଗର ଆଭିମୁଖ୍ୟ ସଂପର୍କରେ ଅବତାରଣା କରି ଜନସାଧାରଣଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଜନସାଧାରଣଙ୍କ ସହଯୋଗରେ ଭିଜିଲାନ୍ସ ବିଭାଗ ଅଧିକ କ୍ରିୟାଶୀଳ ହୋଇ ଦୁର୍ନୀତି ନିବାରଣ କ୍ଷେତ୍ରରେ ଅଧିକ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ବୋଲି କହିଥିଲେ । ବିଭିନ୍ନ ସ୍ତରରେ ହେଉଥିବା ଦୁର୍ନୀତିର ନିବାରଣ ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଏବଂ ଦଣ୍ଡ ବିଧାନର ପ୍ରକ୍ରିୟା ସଂପର୍କରେ ଅବଗତ କରାଇଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତଭାଷଣ ପ୍ରଦାନ କରିବା ସହିତ ସମାରୋହର ସଂଚାଳନା କରିଥିଲେ । ଏହି ସମାରୋହରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହୋଇଥିବା ଇଂରାଜୀ ଓ ଓଡିଆ ବକ୍ତୃତା ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଇନିସ୍‌ପେକ୍ଟର ଭିଜିଲାନ୍ସ ହେମାମାଳିନୀ ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଭିଜିଲାନ୍ସ କାର୍ଯ୍ୟାଳୟର କର୍ମଚାରୀ ସର୍ବେଶ୍ୱର ସାହୁ, ଧୃବିନ୍ଦ୍ର ପାତ୍ର, ମଳୟ କୁମାର ବାରିକ, ଉପେନ୍ଦ୍ର ମହାନ୍ତ, ରାଜଶ୍ରୀ ଷଡଙ୍ଗୀ, ହରେକୃଷ୍ଣ ପାତ୍ର ପ୍ରମୁଖ ସମାରୋହ ଆୟୋଜନ ଓ ପରିଚାଳନରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ସପ୍ତାହ ବ୍ୟାପୀ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଶୃଙ୍ଖଳାର ସହିତ ସମାପିତ ହୋଇଥିଲା ।

5/XI/2022

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର